ମୁକୁଟା ବୋଲି

ଲେଖକ

ଶ୍ରୀ ବୈଷ୍ଣବ ପାଣି

ସଂଗୃହୀତ ହୋଇ

ଶ୍ରୀ ଅରକ୍ଷିତ ଦାସଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ



-: ପ୍ରାପ୍ତିସ୍ଥାନ :-

ଦାଶରଥି ପୁସ୍ତକାଳୟ

ବାଲୁବଜାର କଟକ

ପୋଃ ଚାନ୍ଦନୀଚୌକ

Digitized by srujanika@gmail.com

ମୁକୁତା ବୋଲି

ଭଜ 'ହରେ ରାମ କୃଷ୍ଣ'ରେ କୁମର
ଭଜ 'ହରେ କୃଷ୍ଣ ରାମ'।
ଯେ ନାମ ଧରନ୍ତେ ଅନ୍ତିମ କାଳରେ
ବାନ୍ଧି ନେବ ନାହିଁ ଯମ । ୧ ।
ସେହି ଜନ୍ମମରଣ ଅଟେ ରେ ନିର୍ବୁଦ୍ଧି
ଯିବେ ଦୟା ନାହିଁ ଥିଲେ ।
ନିତ ନିତ କୋଟି କୋଟି ପ୍ରାଣୀ ପ୍ରାଣ
ବିନାଶୁଛି ଧରାତଳେ । ୨ ।
ପାଞ୍ଜି ଫେଡ଼ାଇଣ ବସି ଲେଖୁଥାଏ
ମରଣ ଚିତ୍ରଗୁପତ ।
ପରାଣ ରହିଛି ବରାବର କଣ
କହ କେତେ ମିଛ ସତ ? । ୩ ।
ମାୟାଧର ମାୟା ଲଗାଇ ଦେଇଛି
ଛାୟା ପରି ଦେଖ ସବୁ ।
ଏହିକ୍ଷଣି ଅଛି, ଏହିକ୍ଷଣି ନାହିଁ,
କି କହିବ ତୋତେ ବାବୁ । ୪ ।
ଜୀଇଁ ଥାଉଁ ଥାଉଁ ମଲେ ରେ କୁମର
ମରିବୁ ନାହିଁ ତୁ ଆଉ ।
ତତ୍ତ୍ୱପଥ ହେଳ ନୁହଇ ସହଜ
ବୁଝ ଭ୍ରମ ଛୁଟିଯାଉ । ୫ ।

Digitized by srujanika@gmail.com

ଯୋଗୀ ହୋଇ ଯାଇ ଯୋଗ ସାଧ ଧନ
ଗହନ କାନନେ ବସି ।
ଖେଳିବୁ ନାହିଁରେ ଅନ୍ତିମ କାଳରେ
କାଳ କୃତାନ୍ତର ଫାଶି । ୬ ।

ମାତାର ବଚନ ଶୁଣିଣ କୁମର
କହେ ଗୋ ଜନନୀ ଶୁଣ
ଏକଇ କୁମର ଅଟେ ମୁହିଁ ତୋର
ଖଣ୍ଡ ବଚନ ଦାରୁଣ । ୭ ।

ଅସାର ପିଣ୍ଡକୁ ସଂସାର ମାୟାରେ
ପକାଇଲୁ କର୍ମ ଛନ୍ଦ ।
ପିଲାଟି କାଳରୁ ମୂରୁଛି ନ ଦେଇ
ଏ ବେଳେ ଯା ହେଉଛୁ ଧନ୍ଦ । ୮ ।

ସାଇ ବନ୍ଧୁ ଜ୍ଞାତି କୁଟୁମ୍ବାଦି ଛନ୍ତି
ମୋତେ କେତେ ସ୍ନେହ କରି ।
ତାଙ୍କ ସ୍ନେହ ଏଡ଼ି ଯିବି ମୁଁ କେସନେ
ହୋଇ ଜଟା ଭସ୍ମଧାରୀ । ୯ ।

ଜନନୀ ବୋଲନ୍ତି, କର୍ମ କରୁ ଶୀଘ୍ର
କେହ୍ନ ତ ନୁହେଁ କାହାର
ନ ମାତା, ନ ପିତା, ନ ବନ୍ଧୁ ବନିତା,
ସଙ୍ଗୀ ଏ ଦୁଇ ଦିନର । ୧୦ ।

ନ ଯିବେ ରେ କେହ୍ନ ତୋ ପଛେ ଗୋଡ଼ାଇ
ରେ ବାପ ! ଯିବୁ ଏକାକୀ ।
ଶମଶାନ ଠାରୁ ବାହୁଡ଼ି ଆସିବେ
ପୋଡ଼ି ପୋତି ଫିଙ୍ଗି ଟିକି । ୧୧ ।

ତୋ ଜନକ ଚନ୍ଦ୍ର କନକ ପର୍ଯ୍ୟନ୍ତେ
ମାଣିକ୍ୟ ଚନ୍ଦ୍ର ତା ନାମ ।

Digitized by srujanika@gmail.com

କେହି ଗଲେ ନାହିଁ, ତା ସଙ୍ଗେ ବାପ ରେ
ଯେନଗଲା ବେଳେ ଦମ । ୧୨ ।
ଟଙ୍କା ସୁନା ରୂପା ଘୋଡ଼ା ହାତୀ ବାପା
ଯେ ଯହିଁ ରହିଛୁ ପଡ଼ି ।
ସୁତ ସୁର ଜନ୍ମ ମିଳ ବନ୍ଧୁ ସ୍ତ୍ରୀଇ
ନେଲେ ଘଟିଆରେ କାଢ଼ି । ୧୩ ।
ମୁହିଁ ପରା ତାର ଧରମ ପତ୍ନୀ ରେ
ରହିଲି ଅଧ ବାଟରୁ ।
ହେବାରୁ ସୁକୁଣା ଗଲା ସେ ଧାଇଁଣା
ପ ଶୋଷ ଏହି ମନରୁ । ୧୪ ।
ସ୍ୱଯଛି ଗୋବିନ୍ଦ କର୍ମା କଲୁ ଅନ୍ଧ
ଛନ୍ଦ ଏ ଭବ ମାୟାରେ ।
ଜନମ କୁଳରୁ କନ୍ୟା ବାଛୁ ଆଣି
ଛନ୍ଦ ଦେଲୁ ମୋ କାୟୁରେ । ୧୫ ।
ସତ ଜନ୍ମ ମ ଆ ସତର ବରଷେ
ବ ଆଗ୍ରସ୍ତ ଗୋଟି ବାଳୀ ।
ହାତ ଧରାଇଲୁ ସୁଖର ହାତରେ
ରୂପେ ଏଶୁଁ ଏକ ବଳ ୧୬ ।
କୋଟି ଜନ୍ମ ପୁଟି ଗୋଟି ଗୋଟି କଣ
ଶୋକ୍ତ ଗୁଣ ବର୍ଣ୍ଣି ଥିଲେ ।
ଅଣ୍ଟେବ ନାହିଁ ମା ଆୟୁଷ ତାଙ୍କର
ମାର୍କଣ୍ଡ ସମାନ ହେଲେ । ୧୭ ।
ସଙ୍ଗୀତ ସାହିତ୍ୟ ଭଙ୍ଗୀ ସୁରୁଷରେ
ନ ଜଣିବେ ବମ୍ଭା ରଣ ।
ନାମ ଗୁଣେ ରୂପ ସମାନ ଅଟଇ
କି କହିବ ତୋର କଥା । ୧୮ ।

Digitized by srujanika@gmail.com

ବେଦନା, ଗୋଦନା, ସ୍ୱର୍ଣ୍ଣ, ନଳା,
ମୋତି, କାଞ୍ଚନ, ଲାବଣ୍ୟନିଧି ।
ଆହା କି ମଧୁର ନାମ ତାହାଙ୍କର
କାହିଁ ଘଟାଇଲ ବିଧି । ୯ ।
ଏକା ଇନ୍ଦୁମୁଖୀ ମନ୍ଦ୍ୱଷୀ ମୋ ସଙ୍ଗେ
ଥିବ ଦିବସ ରଜନୀ ।
ଗଳେ ମାଳ କରି ଯୋଗୀ ବେଶ ଧରି
ବନେ ବୁଲିବି ଜନନୀ । ୧୦ ।
ପୁଣି ସରସ୍ୱତୀ, କମଳା, ବିମଳା
ରଙ୍ଗ ରସ ଲୀଳା ଖେଳା ।
ପଶୋରିବି ନାହିଁ ମନରୁ ଗୋ ମାତା
ସେ ମୋ ଜୀବନ ଅବଳା । ୧୧ ।
ଯାହା ରୁ ବୋଇଲୁ କୁମରମଣି ରେ
ଷଣ୍ଢ ରମଣୀ ତୋହର ।
ଇକତ୍ର ପଥର କଣ୍ଟକା ସେମାନେ
ଦୂରୁ ତାହାଙ୍କୁ ଜୁହାର । ୧୨ ।
ରମଣୀ ବାଘୁଣୀ ନ ପାରୁଛ ଜାଣି
କୋଳେ ଧରି ଖେଳେ ମଣ୍ଡି ।
ଅବଶେଷେ ପ୍ରାଣ ଯେନବେ ରେ ଜାଣ
ଏହା ନ ପାରୁଛୁ ବୁଝି । ୧୩ ।
ପୁଣି ଏକ କଥା ରାମ ସଙ୍ଗେ ସୀତା
ଯେନ ଗିବା ହେରୁ ବନେ
ପଡିଲା କଷଣ ହରିଲା ରାବଣ
ଶୁଣିଛୁ ଏ କଥା କାନେ । ୧୪ ।
ପୁରୁଷଟି ଅଗ୍ନି, ରମଣୀ ଘୃତ ରେ,
କେବେ ନ ରହିବ ସମେ ।

Digitized by srujanika@gmail.com

ରଖିଲେ ତରଳ ପଲ୍ଲବରେ ଢଳ
ଜାଣରେ ବଜନ ଧାମେ । ୧୫ ।
ବଡ଼ ମାୟାବିନୀ ଅଟନ୍ତି ନାରୀଏ
ନ କର ତାଙ୍କୁ ବିଶ୍ୱାସ ।
କ୍ଷଣେ ହେଲେ ରୁଷ୍ଟ ଆପଣା ପତିର
କରିଦେବେ ସର୍ବନାଶ । ୧୬ ।
ମୃତ୍ୟୁଞ୍ଜୟ ନିଜେ ଅଟନ୍ତି ମହେଶ
ତାହାଙ୍କ ଦଶାକୁ ଅନା ।
ତାଙ୍କ ବକ୍ଷେ ପାଦ ଦେଲେ ତାଙ୍କ ଜାୟା
ନ କରି ଟିକେ ଶୋଚନା । ୧୭ ।
ମାଳତୀ ନାଶିଲା ବୈଲୋଚନ ପ୍ରାଣ
ମନ୍ଥସ୍ଥାନରେ ଭବାନୀ ।
ଜଳନ୍ଧର ଦଶା ରସାରେ ନିରେଖ
ମଣିଲା ଦମୟନ୍ତୀ । ୧୮ ।
ନାରୀଙ୍କର କର୍ମ ମର୍ମ ହରିହର
ବିଧାତା ନ ପାରେ ଜାଣି ।
ତୁ କିସ ଜାଣିବୁ କୁମରମଣେ ରେ
ନାରୀ ଚରିତ୍ର କାହାଣୀ । ୧୯ ।
ଆବର କହୁଛୁ ଯାଜ୍ଞସେନୀ କଥା
ହୋଇ ପାଣ୍ଡବଙ୍କ ଯୋଷା ।
କୁଇନ୍ତା ପଦ୍ଧତେ ସ୍ୱର ପତ ରକ୍ତ
ଶେଷେ ପିଇଲେ ସହସା । ୨୦ ।
ସୀତା ଯୋଗେ ସ୍ୱର୍ଣ୍ଣଲଙ୍କା ଧ୍ୱଂସ ହେଲା
ପ୍ରାଣେ ମଲା ଦଶଶିର ।
ରାମାୟଣ ଗ୍ରନ୍ଥେ ଅଛି ଏ ପ୍ରମାଣ
ଶୁଣିଥିବୁ କେତେ ଥର । ୨୧ ।

Digitized by srujanika@gmail.com

ରମଣୀର ନେତ୍ର ଛେଦଲେ ରେ
ଭବେ ଅଜର ଅମର ହେବୁ !
ବଡ଼ ବୁଦ୍ଧକମ ଅଟନ୍ତି ମ.ନମ
ମାୟାରେ ଭୁଲନ୍ତି ସବୁ । ୩୨ ।
ଏ ରାଜବଭବ ଧନ ଦଉଲତ
ହାତୀ ଘୋଡା ଟଙ୍କା ସୁନା ।
ଏ ମାୟା କୁହୁଡ଼ି ଅଢ଼େଇ ଦିନ ଆ
ଗୋଡ଼ି ମାଟି କର ଘେନା । ୩୩ ।
ଯୋଗୀ ହୋଇ ହରିପ୍ରେମ ଅନୁରାଗୀ
ହୋଇ କାଟ ବାପ କାଳ ।
ସେ ଯେ ମହାଧନ ଅକ୍ଷୟ ଅକ୍ଷୁଣ୍ଣ
ଥାଏ ଇହ ପରକାଳ । ୩୪ ।
'କାମିନୀ କାଞ୍ଚନ' ଏ ଦୁଇ ସମାନ
ନୟନ ରଞ୍ଜନ ମାତ୍ର ।
ପଥକୁ ସଙ୍ଗ କି କେହି ନ ହୋଇବେ
ସେ ଗଢ ଅଢ ବଚନ । ୩୫ ।
ଏହି ଦେଶେ କେତେ କେତେ ନରପତି
ବଙ୍ଗ ବିହାର ଓଡ଼ିଶା ।
ଦେଶରେ ଜନମି ଗଲେଣି ରେ ମରି
ଖାଲି ପଡ଼ିଅଛି ବସା । ୩୬ ।
ସୁକଳ୍ପ   ପୂର୍ଣ ମ.ର୍କଣ୍ଡେଶ୍ୱର ଯେ
କନକକେଶରୀ ଆଦି ।
ଶୈଳଗଙ୍ଗ ଖାରବେଳ ଚାଲିଗଲେ
ଶୂନ୍ୟ ଅଛି ରାଜଗାଦି । ୩୭ ।
ଭଗ୍ନ ଅବଶେଷ ଅଛି ଦେଖି ଆସ
ଯହିଁ କୋଟି ଦାସ-ଦାସୀ ।

Digitized by srujanika@gmail.com

ଆନନ୍ଦ ସାଗରେ ଭାସି ବୁଲୁଥିଲେ
ସ୍ୱଜନ ବାନ୍ଧବରେ ରସି । ୩୮ ।
ଅକସ୍ମାତ ଏ ପିଣ୍ଡ ଛାଡ଼ିବ ଯେବେ ରେ
ମୋର ବୋଲ ମାନି ଚଳ ।
ଦନ୍ଦ୍ୱ ନାସ୍ତିମାସ୍ତା ବନ୍ଦ୍ୱ ଶାନ୍ତ ଦସ୍ତା
ଧର ଦଣ୍ଡ କମଣ୍ଡଳ । ୩୯ ।
ଶିରେ ବାନ୍ଧ ଜଟା କଟିରେ ଲେଙ୍ଗଟା
ବିଭୂତିକ ଦୁଅ ବୋଲି ।
ଗାଇ ରାମ ରାମ ଫେର ଧାମ ଧାମ
ଦଶଭକ୍ତ କର ମାଳି । ୪୦ ।
ଶୁଣିଥିବୁ ଗୁଣମଣି ରାମାୟଣେ
ସତ୍ୟକଳ୍ପ ବିଶ୍ଳେଷଣ ।
କଳିଯୁଗେ ରାଜା ହେବ, ବନ୍ଧୁ ଧେନୁ
ହେବେ, ସେ ହେବ ବ୍ରାହ୍ମଣ । ୪୧ ।
ରାଜ୍ୟ ପାପ ରାଜା ମୁଣ୍ଡରେ ବହନ୍ତି
ଦ୍ୱିଜ ନଏ ଜନ ପାପ ।
ବନ୍ଧୁ ଗୋରୁ ହେଲେ ବହୁ କୃଚ୍ଛ୍ରେ ଏ
ଲଭନ୍ତି ଘୋର ସନ୍ତାପ । ୪୨ ।
ନାଶ ଭୋଗ, ରାଜଭୋଗ ଅଟଇଟି
ପାପବେଗ ଭୋଗ ପର ।
ସୁନ୍ଦର ସିନା ସେ କିଂଶୁକ ସୁମନ
ବାସନା ନାସ୍ତି ତାହାର । ୪୩ ।
ଜ୍ଞାନ ତତ୍ତ୍ୱସାର ସାଧରେ କୁମର
ଏକ ଅକ୍ଷର ଯୋଗ କର ।
ହରଷ ବିଷାଦ ଷଡ଼ଚକ୍ର ଭେଦ
ଉଦଧି ମୁଁ ନାହିଁ ତର । ୪୪ ।

Digitized by srujanika@gmail.com

କହୁଇ ଗୋବିନ୍ଦ କହ ଗୋ ଜନନୀ !
ରୁ ତ ଏଡ଼େ ବୁଦ୍ଧିଙ୍କିନୀ ।
ଥିଲୁ ଯେବେ ଭବେ କି ସ୍ତବେ ପିତାଙ୍କ
କୃତାନ୍ତ ମୋ ଗଲ୍ ଯେନ । ୪୫ ।
ଶୁଣ ରେ କୁମର ତହିଁର ଉତ୍ତର
ବୁଝାଇ କହୁବ ତୋତେ ।
ପାଞ୍ଚ ସହସ୍ର ବରଷ ପିତା ତୋର
ରହିଥିଲେ ମହୀଗତେ । ୪୬ ।
ଥିଲା ତାହାଙ୍କର ଲେଖା ପରମାୟୁ
ପାଞ୍ଚ ହଜାର ବରଷ ।
ମୋ ବୁଦ୍ଧି ବଳରେ ବୃଢ଼ାଇଲି ତାକୁ
ଷଡ଼ସହସ୍ର ରେ ବର୍ଷ ୪୭ ।
ଦିନେ ପଡ଼ିଗଲା ଗଙ୍ଗାସାଗରରେ
ବାରୁଣୀ ସ୍ନାହାନ ଯୋଗ ।
ଗଲୁ ମୁଁ ତହିଁକି ଗ୍ରୁଡ଼ ତୋ ପିତାରେ
ଘଟିଲା ଅସି ଦୁର୍ଯୋଗ । ୪୮ ।
ମୋ ଯୋଗେ ଶମନ ପଶି ନ ପାରଇ
ତୋହର ଜନକ ପାଶେ ।
ମୁଁ ଗ୍ରୁଡ଼ ଯିବାରୁ ପଡ଼ିଲା ତା ପାଳି
ମିଳିଗଲା ସ୍ୱର୍ଗ ବଶେ । ୪୯ ।
ତର୍ପଣ କରିଲି ଗଙ୍ଗାଜଳେ ମୁହିଁ
ଦେଲି ଦ୍ୱିଜେ ବେତେ ଦାନ ।
ତୀରେ ଉଠି ଶୁକ୍ଳ ବସନ ପିନ୍ଧି ରେ
ଜପୁଥିଲି ହରିନାମ । ୫୦ ।
ସେହିକାଳେ ଏକ ଦୂତ ପରବେଶି
ମୋ ପାଖେ ଦେଲା ଖବର ।

Digitized by srujanika@gmail.com

ଛୁଡ଼ିଗଲେ ରଜା ଶୁଣ ମହାଦେଈ !
କେତେଜଣ ରଜା ନବର । ୫୧ ।
ବାନ୍ଧନେଲେ ଚର୍ମ ରଜ୍ଜୁରେ ଯମର
ଦୂତଗଣେ କେତେ ଆସି ।
କି ତପ କରୁଛ, କି ଜ୍ଞାନ ସାଧୁଛ,
ମହାଦେଈ ଏଥି ବସି । ୫୨ ।
ଦୂତମୁଖୁଁ ଶୁଣି ତୋ ତାତ ନିଧନ
ମନରେ ବଡ଼ ସନ୍ତାପ ।
ନୟନରୁ ନୀର ବହିଲା ପ୍ରଖର
କି କହିବ ଦୁଃଖ ବାପ । ୫୩ ।
ସୁନାଚୂଡ଼ୀ କାଢ଼ି ଦେଲିରେ ଫୋପାଡ଼ି
ଜାହ୍ନବୀ ଗଭୀର ନୀରେ ।
କେଣେ ଫିରି ଯମ ନେଇ ମୋ ପତିଙ୍କି
ଧାଇଁଲି ବାୟୁ ପ୍ରଖରେ । ୫୪ ।
ଯୋଗଠାନେ ମୁହିଁ ଜାଣିଣ ସମସ୍ତ
ଦକ୍ଷିଣ ଦିଗକୁ ଗଲି ।
କୃତାନ୍ତ ଫାଟକ ଦ୍ୱାରଦେଶେ କାଂସା-
କବାଟ ନେଜେ ଦେଖିଲି । ୫୫ ।
ବାମକରେ ଠେଲି ଦେବାରୁ ସେ ଦ୍ୱାର
ତକ୍ଷଣେ ହେଲା ମୁକୁଳା ।
ପଶିଲି ଭିତରେ ତହିଁ ଏକାନ୍ତରେ
ନମିଷେ ନ କଣ ହେଲା । ୫୬ ।
ଚିତ୍ରଗୁପ୍ତ ଘରେ ନାନାଜାତି ଧନ !
ବିଭସ୍ର ଚଜ କରେଛି ।
ବସିଛି ସେ ଯମ ସିଂହାସନ ପରେ
ପଡ଼ିଗଲା ମୋର ଆଖି । ୫୭ ।
କଳା ବାସ ବେଢ଼ାଅଛି ଚଉକଣ
କଳା ତାର କଳେବର ।

Digitized by srujanika@gmail.com

ଗୋଦଡ ଗୋଡରୁ ଝଡନ୍ତ କାଣ୍ଟରେ,
ଝରଇ ଦୁଜ ରୁଧିର । ୫୮ ।
ଚର୍ମର ଧଣ୍ଡଟା କନ୍ଧେ ବନ୍ଧଅଛୁ
ରଙ୍ଗବର୍ଣ୍ଣ ବେଶ ନେଇ ।
ହେବ ବାଆସ୍ତସ୍ତ ମହଣ ସେ ଦଣ୍ଡ,
ଆଗେ ଅଛୁ ଚିତ୍ରଗୁପ୍ତ । ୫୯ ।
ଯୋଡ଼ାଯୋଡ଼ା ଲୁହାଠେଙ୍ଗା ଥିଆ ତଣ୍ଡି
ହେବ ସେ ଷାଠି ମହଣ ।
ବଢ଼ିଛୁ ତା କେଶ ଶିରୁଁ ପାଦଯାଏ
ଦେଖିଲି ରେ ତତକ୍ଷଣ । ୬୦ ।
ବାହନ ଯମର ଅଟଇ ମହିଷୀ
ଆଗେ ହୋଇଅଛୁ ଠିଆ ।
ନରେଖିଲା ମାଏ ଏ ସମସ୍ତ ଧନ !
କୋପେ କମ୍ପିଲା ମୋ ହୃଦୟା । ୬୧ ।
ଯେମନ୍ତ ଯା ରୂପ, ତେମନ୍ତ ବାହନ
ତେମନ୍ତ ଭୂଷଣ ତାର ।
ଲମ୍ବ ନାସାଗୋଟା ଶୃଗାଳ ମୁଖକୁ
ମାନଛୁ କେଡ଼େ ସୁନ୍ଦର । ୬୨ ।
ଥୋଡ଼ି ଦାଢ଼ି ବଢ଼ି ଥେନ୍ଦ୍ର ଝୁଲୁଥାଏ
ପବନ ବହୁବା ବେଳେ ।
ଦେଖିଲି ତୋ ବାପ ହସ୍ତ ହୋଇଅଛୁ
ଯମ ସିଂହାସନ ତଳେ । ୬୩ ।
ଯୋଡ଼ିଅଛୁ କର ନେତ୍ର ବହେ ନୀର
ଗ୍ରନ୍ଥି ଅଙ୍ଗ ଗଲା ଅଗ ।
ବନ୍ଧାଅଛୁ ଚମ ଦଉଡ଼ିରେ ପିତା,
ଯମକୁ ବସିଲି ମାଗ । ୬୪ ।
ଫିଟାଇ ଦେଲି ତୋ ତାତର ବନ୍ଧନ
ନନ୍ଦନ ! ମୁଁ ସେହୁ କାଳେ ।

Digitized by srujanika@gmail.com

ଖାଇ ମୋ ଗୋଇଠା ରବର-ବୁମର
ଉପ୍ନେ କରଯୋଡ଼ି ବୋଲେ । ୬୫ ।
କାହିଁକି ମୋତେ ଗୋ ମାରୁଛ ମୁକୁତା !
କି କଲି ତୁମ୍ଭର ଦୋଷ ?
ମୁଁ ବେ ଛଳେ ମୋର ପତିଙ୍କ କର୍ଣ୍ଣଠି
ଅଣିଲୁ ରେ ଭୋର ପାଶ ? । ୬୬ ।
ଅଣ ଅଣ ତଣ କହେ କାଳଦଣ୍ଡ
ଥୋଇଦେଇ ଯମ ତଳେ ।
ତୁମ୍ଭ ପତିଙ୍କର ଆୟୁଷ ସରନ୍ତେ
ଆଣିଲି ମୁଁ ମୋର ଅଳେ । ୬୭ ।
ପ୍ରାଣେନାଶ ବୃତ୍ତି ମୋର ନଢ ନଢ
ଦେଖେଁ ପାଞ୍ଜି ଲେଉଟାଇ ।
ଯେ ଗ ସରେ ଆୟୁ ଦୂତେ ପେଶି ତହୁଁ
ଅଣାଏଁ ଏ ମୋର ଭୂଇଁ । ୬୮ ।
ବୃଥାରେ ଭର୍ତ୍ସନା ଜନନୀ କର ନା
ଦଣ୍ଡେ ଥିଲେ ପ୍ରାଣୀ ପ୍ରାଣ ।
ନାହିଁ ମୋର ସାଧ୍ୟ, ନାପଡ଼ିବ ପାଦ,
ମୋ ଦୂତଙ୍କ ଏ ପ୍ରମାଣ । ୬୯ ।
ଯେବେ ଥିବ ଆୟୁ ତୁମ୍ଭର ସ୍ୱାମୀର
ଜମିବେ ଗୋ ମହାସତୀ ।
ଶହେ ବରଷ ମୁଁ ଦେବି ତାଙ୍କୁ ଆୟୁ
ଏ ମୋର ସତ୍ୟ ଭାରତୀ । ୭୦ ।
ନ ବୁଝି ନ ଶୁଝି ବୃଥାରେ ଗୋ ମୋର
ଉଚିତ କି ତୁମ୍ଭ ଏହା ?
ଦେଖ ପାଞ୍ଜି ତାର ଫିଟାଇ ନେହର
ଆରେ ହୋଇଅଛୁ ଥୁଆ ୭୧ ।
ଶୁଣି ଯମ ଭାଷା ସେଠାରୁ ସହସା
ଚନ୍ଦ୍ରଗୁପ୍ତ ପାଶେ ମିଳି ।

Digitized by srujanika@gmail.com

ଧରିଲି ତା ପଙ୍କ୍ତି ଫିଟାଇ ଖୋଜିଲି
ତନ୍ନ ତନ୍ନ କରି ସ୍ଥଳ । ୭୨ ।
ନାହିଁ ତୋ ପିତାର ଷଣେ ପରମାୟୁ
ଯମ କଥା ହେଲା ସତ ।
ତୋର ଲେଖାପରେ ସେହିଠାରେ
ମୋର ପଡ଼ିଗଲା ଧନ ! ନେତ୍ର । ୭୩ ।
ଲେଖା ରହିଅଛି ଆଜିଠାରୁ ତୋର
ପୂରିଲେ ପାଞ୍ଚବରଷ ।
ଆସିବେ ରେ ଧନ କୃତାନ୍ତର ଦୂତେ
ତୋତେ ଯମପୁରୀ ବାସ । ୭୪ ।
ଏ କଥାକୁ ଦେଖି ପିଣ୍ଡରୁ ମୋହର
ପ୍ରାଣ ଉଡ଼ିଗଲା ପରି ।
ଜଣାଗଲା ଧନ ତାଟକା ହୋଇଣ
ଦେହ ମୋ ଉଠିଲା ଥରି । ୭୫ ।
ଝର ଝର ଝର ନୟନରୁ ମୋର
ବହିଣ ଚାଲିଲା ବାସ ।
ସଂସାରର ସୁଖ ଅସାର ମଣିଲି
ଅଧିକ କହିବି କାସ । ୭୬ ।
ଭାବିଲି ବାହିକ ପୁଅ ଜନ୍ମ କଲି
ବୃଦ୍ଧକାଳେ ଅଣ୍ଟୁ କୁଣ୍ଡୀ ।
ଧରିଣ ବିଧାତା ନେଇଯିବ ତୋତେ
ମୋ କୋଳରୁ ଶୂନ୍ୟେ କାଢ଼ି । ୭୭ ।
ମେଲାଣି ମାଗିଣ ଅଇଲି ଘରରେ
ମରମରେ ହୋଇ ଗଞ୍ଜି ।
ଧିକ ମୋ ଜନମ, ଧିକ ମୋ କରମ,
ଧିକ ଏହି ମନ୍ତ୍ର ଭଜ । ୭୮ ।
ହୃଦ ହେଲା ଯାହା କ କହିବ ତାହା
ଭୂଣ୍ଡରେ ମୋ ପଶୁ ନାହିଁ ।

Digitized by srujanika@gmail.com

ମାନ ତୋ ଉଦ୍ଧାର ପଥ ମୁଁ ଲୋଡ଼ିଲି
କିଛି ନ ପାଇଲି କାହିଁ । ୭୯ ।
କେବଳ ବିବେକ କହିଦେଲା ମୋତେ
ସୁନେ ମୋ ର ଗ୍ରନ୍ଥେ କହି ।
ଯୋଗୀ ହୋଇଯାଇ ଗ୍ରନ୍ଥ ଗ୍ରନ୍ଥ ଶିଖି
ଯେବେ ରଖିବ ଏ ଦେହ । ୮୦ ।
ଅଜର ଅମର ହୋଇବ ଏ ପିଣ୍ଡ
ମୋ ବୋଲ ରୁ ଗ୍ରନ୍ଥେ କର ।
ଝାଙ୍କର ଭୂଇଁକ ବୋହୂରୁ ରେ ପାଣି
ଫଳିବ ଫଳ ଅପାର । ୮୧ ।
ବନ୍ଧାଇ ସେ ବନ୍ଧ ଶୂଣରେ ଗୋବନ୍ଧ
ଫଙ୍କନାଳ ମୁହାଁଣରେ ।
ଜଗି ରହିଥିବୁ ଜାଗି ନିଶୀ ଦିନ
ନ ହୁଡ଼ି ଯିବୁ ରୁ ବାରେ । ୮୨ ।
ଚୋର ପଶି ଯେବେ ହାଣିନେବେ ପାଣି
ନ ପାରିବୁ ତାଙ୍କୁ ଧରି ।
ପାଞ୍ଚଜଣଙ୍କୁ ରେ ଅନୁକ୍ଷଣେ ବଳା
ଜଗାଅ ତହିଁ ପ୍ରହରୀ । ୮୩ ।
ଯମ ମୁଣ୍ଡେ ଡାଲି ବଜାଇଣ ଚାଲି
ଚାଲି ନେବେ କର ନାଟ ।
ବାଆଁ ବଳଦକୁ ଡାହାଣେ ଯୋଚିଲେ
ସରିଯିବ ତାର ପଠ । ୮୪ ।
ମାଆ ଜାଣେ ଏକା ପୁଅ ପେଟକଥା
ଆନ କି ଜାଣିବ ତାହା ।
ତୋର ଏ କଷଣ କେମନ୍ତେ ଦେଖିବି
ଫାଟିଯିବ ବକ୍ଷେ ଏହା । ୮୫ ।
ଖୁଣିଯା ଜାଦବ ନନ୍ଦମସ ଯାଏ
ହା' କାନ୍ତ, ହା' କାନ୍ତ କହି ।

Digitized by srujanika@gmail.com

ବାରଦିନ ଯାଏ ତାନ୍ଦବ କହୁଛୁ
ତୋ ପଡ଼ିଶା ବନ୍ଧୁ ସ୍ୱଜ ।୮୬ ।
ମାଆ ତୋ କାନ୍ଦିବ ଯୁଗ ଯୁଗ ବସି
ପିଣ୍ଡେ ଥିବାଯାଏ ପ୍ରାଣ ।
ପୁଅ କାନ୍ଦେ ମାଅ ଲୋକ ଦେଖା ପାଇଁ
ଅଢ଼େଇ ଦିନଆ ପଣ । ୮୭ ।
ବୈଦ୍ୟ ଜାଣେ ସିନା ରୋଗୀର ଯାତନା
ପଦ୍ମ ଜାଣେ କେତେ ପାଣି ।
କୋଇଲ୍ଲା ଜାଣଇ ଷ୍ଟିମବଲ ସିନା,
ଆଉ କେ ପାରିବ ଜାଣି । ୮୮ ।
ଗାଈ ଜାଣେ ସିନା ବାଛୁରିର ସ୍ନେହ
ସ୍ନେହ ରକ୍ତରେ ଭ୍ରମର ।
ଯେବେ ରେ ଜଳିବୁ ସୁଗନ୍ଧ ପାଇବୁ
ଜାଳି ଆଉଁ ଆଉଁ ମର । ୮୯ ।
ଆସିଛୁ ଯେପରି ଯିବୁ ସେହିପରି
ନେଇଯିବୁ ନାହିଁ କିଛୁ ।
ଅଢ଼େଇ ଦିନଆ ଭଡ଼ାଘର ଏ ଯେ
ଏଥେଁ କି ସରାଗ ଅଛୁ । ୯୦ ।
ଜଣେ ଚିନା ସଙ୍ଗେ ନ ଯିବେ କେ ଧନ
ଛୋଟ୍ଟର ଯିବା ସ୍ଥାନକୁ ।
ଅନ୍ଧାରେ ଆଲୁଅ ଦେଖାଇ ଗୁଲିବ
ତୋ ଆଗେ ମନ ମନକୁ । ୯୧ ।
ଏ ରଥରେ ଯେହୁ ସାରଥି ହୋଇଲା
ଯୋଚି ଚନ୍ଦ୍ର ସୂର୍ଯ୍ୟ ଅଶ୍ୱ ।
ଚଳାଉଛି ଧନ ଅଶ୍ୱ ରଜ୍ଜୁ ଧରି
ଜାଣିଥାରେ ବାରମାସ । ୯୨ ।
ହେନ୍ତ ତୋର ଦେହ ରଥର-ସାରଥି
ସାର କରି ତାକୁ ଧର ।

Digitized by srujanika@gmail.com

ଯାର ଦୟା ଥିଲେ ମୂକ କହେ କଥା,
ପ୍ରବଣ ଶୁଣେ ବଧିର । ୯୩ ।
ଯା ଦୟାରେ କର-ଚରଣ ନ ଥିଲ
କେତେ ଡେଇଁପାରେ ଗିରି ।
ଚିନା ପଥରେ ଯେ ଉଡ଼ିଗଲ ହନୁ,
ନାମଧନ ସିନ୍ଧୁ ପାରି । ୯୪ ।
ସେହି ନାମକୁ ରୂ କରି ଗଣ୍ଠି ଧନ
ଘରୁ ଯା ବନ୍ଧନ ଖୁଲି ।
ରକ୍ତସୂତ ଆଖି ନାଲି ଘୁଞ୍ଚିଯିବ
ଗୁହାଇ ତୋତେ କହିଲି । ୯୫ ।
ତୋହର ଡାଢରେ ଶମ୍ଭୁଚନ୍ଦ୍ର ଥିଲ
ଅଳପ ବୟସେ ମଲ ।
ଚର୍ମ ଦହଡ଼ରେ ଭିଡ଼ିକରି ଯମ —
ଦୂତ ତାଙ୍କୁ ବାନ୍ଧିନେଲ । ୯୬ ।
ତ ଗିଚନ୍ଦ୍ର, ମେରୁଚନ୍ଦ୍ର, ବିଷ୍ଣୁଚନ୍ଦ୍ର
ଏ ବଙ୍ଗଭୂମେ ରେ ଆସି ।
ଜନମିଣ ଗଲେ କେହୁ ନ ଜାଣିଲେ
ହେଲେ ଯମପୁର ବାସୀ । ୯୭ ।
ଗୁରୁଙ୍କ ଚରଣ ଧରରେ କାରଣ-
ନରତା ଅଟନ୍ତି ସେହୁ ।
ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ରୁଦ୍ର,
ଗୁରୁ ଛଡ଼ା ଆନ ନାହିଁ । ୯୮ ।
କର ମୋର ବୋଲ ଯେଗୀ ଧ୍ୟାଇ ଚଳ
ଯେବେବେଳେ ବନ୍ଧୁ ଭବେ ।
ମୁହିଁ ଗର୍ଭଧାରୀ ଜନନୀ ତୋହର
ଜଣାଇଲି ହିତ ଭାବେ । ୯୯
ହାଡ଼ପକ୍କୁ ଯାଇ କହ ଦୀକ୍ଷା ନେଇ
ତାଙ୍କଠାରୁ ଚଳିଯାଅ ।

Digitized by srujanika@gmail.com

ସେହି ଗୁରୁ ତୋର ତା' ପଦେ ଜୁହାର
ଭଣ ନର ମୁକୁନ୍ଦ ପାଅ । ୧୦୦ ।
ଥିଲେ ତାଙ୍କ ଦୟା ଅଜର ତୋ କାୟା
ହେବ, ଶ୍ରୁସ୍ୟାଙ୍କ-ନନ୍ଦନ ।
ଆସି ଚର୍ମରଶି ଧଣ ନ ନେବରେ
କଣଣ ତୋତେ ବନ୍ଧନ । ୧୦୧ ।
ମାତାଙ୍କୁ ପ୍ରଣମି ଚଳିଲେ ଗୋବିନ୍ଦ
ଗୁରୁ ହାଡ଼ିପାଙ୍କ କଣ ।
ସମସ୍ତ କାରଣ ବୁଝାଇ କହିଲେ
ଚରଣେ ହୋଇ ପ୍ରଣତ । ୧୦୨ ।
ଘେନ ଉପଦେଶ ସାଜ ଯୋଗୀବେଶ
ଚଳିଗଲେ ଦେଶାନ୍ତରେ ।
ଅନ୍ତମେ ଲଭିଲେ ଶ୍ରୀହରିଙ୍କ ଦେହ
ଭ୍ରମିଣ ପର ହିତରେ । ୧୦୩ ।
ସେହି ଗୁରୁଙ୍କର ଅଶ୍ରୟ ବଳରୁ
ଲେଖିଲି ମୁଁ ଏହି ଗ୍ରନ୍ଥ ।
ଯାନ ବଇଷ୍ଣବ ଦୋଷ ନ ଧରିବ
କ୍ଷମାଦେବେ ସାଧୁ ସନ୍ଥ । ୧୦୪ ।

—ସ ମା ପ୍ତ—

ମୁଦ୍ରାକର—ଶ୍ରୀ ଅରକ୍ଷିତ ଦାସ, ଦାଶରଥି ପ୍ରେସ, କଟକ—୨
୧୯୬୮

Digitized by srujanika@gmail.com

ସମ୍ପୂର୍ଣ୍ଣ ନୂତନ ଉପନ୍ୟାସ

ଥରେ ପଢ଼ିଲେ ପୁଣି ଥରେ ପଢ଼ିବାକୁ ଇଚ୍ଛା ହେବ ।

୧	ଯୌବନର ଡାକ	(ଶ୍ରୀ [illegible])	ଟ ୧୫
୨	ଲୁଚ ଛକର ଡାକ	(ଗୁରୁଚରଣ ମହାନ୍ତି)	ଟ ୨୯
୩	ମନର ଚଳେ ଛଳନ	(ଦଶରଥ ସାମଲ)	ଟ ୧୫
୪	ଅସନ୍ତିମ	(ପୁଣ୍ୟନନ୍ଦାଣୀ ସାହୁ)	ଟ ୩୫
୫	ଭୂତଚୁକ୍ତି	(ପୂର୍ଣ୍ଣଚନ୍ଦ୍ର ନାୟକ)	ଟ ୭।
୬	ଛନ୍ଦସ୍ନାନ	(ଜଗେଶ ଚନ୍ଦ୍ର ଦାଶ)	ଟ ୧୯
୭	ଶ୍ରୀଭଗବତ	(ଗୋପୀନାଥ ବେହେରା)	ଟ ୧୫
୮	ନବବଳ ୧ମ, ୨ୟ	(ଚନ୍ଦ୍ରମଣି ଦାସ)	ଟ ୭୫
୯	ଦସ୍ୟୁ କୁହାସିଗଲା	(କର୍ମକଚନ୍ଦ୍ର ନାୟକ)	ଟ ୨୫
୧୦	ଖୁମାସ୍ଥତସ୍ୱ	(ମଦନ ମୋହନ)	ଟ ୨।
୧୧	ଶଇତାନ	(ଭୁପେନ୍ଦ୍ର ଗୋସ୍ୱାମୀ)	ଟ ୨୯
୧୨	ମାସ୍ତାନ	(,,)	ଟ ୨୯
୧୩	ମୁଠାଏ ନାଲି ରକ୍ତ	(ରମେଶ ଧଳ)	ଟ ୨୯
୧୪	ସମୁଦ୍ରର ସୁଧା	(ମନୋଜ ଦାସ)	ଟ ୧୫
୧୫	ଆସନ୍ତା କାଲିର ସ୍ୱପ୍ନ	(ସ୍ୱର୍ଣ୍ଣକଣ୍ଠ ନନ୍ଦ)	ଟ ୧୫
୧୬	ମୁକ୍ତିଲତା	(ନରସିଂହ ମିଶ୍ର)	ଟ ·୭
୧୭	ସରସ କାହାଣୀ	(ଜଗନ୍ମୋହନ ପଟ୍ଟନାୟକ)	ଟ ୧୫
୧୮	ଅମର ମାନବ	(ଲୋକନାଥ ନନ୍ଦ)	ଟ ୧୫
୧୯	ଆମ ଦେଶର କଥା	(କୌଶିକ ପାଣିଗ୍ରାହୀ)	ଟ ୧୯
୨୦	ଦେଶ ବେଦାନ୍ତ କାହାଣୀ ସେଟ	(ବୀରକିଶୋର ସାହୁ)	ଟ ୩୫

ପ୍ରାପ୍ତିସ୍ଥାନ :— ଦାଶରଥି ପୁସ୍ତକାଳୟ

ବାଲୁବଜାର, କଟକ-୨

Digitized by srujanika@gmail.com